ସର୍ବସାଧାରଣ

sarbasadharana

29th Feb 2020

# ଜାମ୍ମୁ କାଶ୍ମୀର ଛାତ୍ରଛାତ୍ରୀଙ୍କୁ ମିଳିବ ପ୍ରଧାନମନ୍ତ୍ରୀ ଛାତ୍ରବୃତ୍ତି

॥ ପ୍ରଭାନ୍ୟୁଜ ॥ କଟଣୀ, ୨୮।୨ :କଟଣୀସ୍ଥ ଆଇଆଇଟି ଭୁବନେଶ୍ୱରରେ ଜାମ୍ମୁ କାଶ୍ମୀର ଅଞ୍ଚଳର ପଢୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ବୃତ୍ତି ମିଳିବା ନେଇ ସୂଚନା ମିଳିଛି । ଭୁବନେଶ୍ୱର ଆଇଆଇଟି ଏବଂ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ମଧ୍ୟରେ ପରିଷଦର ସଭାପତି ଡ. ଅନୀଲ କୁମାର ସହସ୍ରାବୁଦ୍ଧେ ଓ ଆଇଆଇଟିର ଛାତ୍ର ବ୍ୟାପାର ଡିନ୍ ପ୍ରଫେସର ଭି ଆର ରେଡ୍ଡି ଚୁକ୍ତି ପତ୍ରରେ ସ୍ୱାକ୍ଷର କରିଥିବା ନେଇ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆରଭି ରାଜକୁମାର ସୂଚନା ଦେଇଛନ୍ତି ।